### ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ରାସୋଲ,(ସରୋଜ ମିଶ୍ର): ଢେଙ୍କାନାଳ ଜିଲା ରାସୋଲ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର କୁନୁଆ ସୁକିଆ ବାଉତୀ ମନ୍ଦିର ନିକଟରେ ଦୁର୍ଘଟଣା ଘଟି ସଞ୍ଜୟ ନାଏକ ନାମକ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ଏକ ଗଛରେ ପିଟି ହୋଇଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କଟକ ଜିଲା ବଡମ୍ବା ରଗଡିପଡା ଅଞ୍ଚଳର ସଞ୍ଜୟ ବାଇକ୍ ଯୋଗେ ଝାରସୁଗୁଡାରୁ ନିଜ ଗ୍ରାମକୁ ଫେରୁଥିଲେ। ରାସୋଲ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

# ବିଦାୟ ନେଲେ ମା’ ଦୁର୍ଗତିନାଶିନୀ

କାମାକ୍ଷାନଗର,୨୫।୧୦(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ବୁଧବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ମା’ ଦୁର୍ଗାଙ୍କ ଭସାଣି ଉତ୍ସବ। ସକାଳ ୧୦ଟାରେ ସମସ୍ତ ମେଢ଼ଗୁଡ଼ିକ ମଣ୍ଡପରୁ ବାହାରି ସହର ପରିକ୍ରମା କରି ରେଙ୍ଗାଳିପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରେ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ତରଫରୁ ମା’ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମିଳିତ ବଜାର ପୂଜା କମିଟି ତରଫରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗ ଦେଇଥିଲେ। ଏହାପରେ ଆଜ୍ଞାଲଡ୍ଡୁ ଏବଂ ଆଜ୍ଞାମାଳ ନିଲାମ ହୋଇଥିଲା। ଆଜ୍ଞାଲଡ୍ଡୁ ତରୁଣ ବଜାର ଓମ ସାଇ କଲେକ୍ସନ ୫୦ ହଜାର ଟଙ୍କାରେ ଏବଂ ଅଳତୁମାର ସୁରେଶ ସାହୁ ୩୫ ହଜାର ଟଙ୍କାରେ ଆଜ୍ଞାମାଳ ନିଲାମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଭାତ ତ୍ରିପାଠୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱଜିତ୍ ପଟ୍ଟନାୟକ, ସମ୍ପାଦକ ନିର୍ମଳ ସାହୁ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାନ୍ତି, ସଦସ୍ୟ ଦୁଷ୍ମନ୍ତ କୁମାର ନନ୍ଦ, ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅଗ୍ନି ସଂଯୋଗ କରି ରାବଣ ପୋଡ଼ିର ଉଦଘାଟନ କରିଥିଲେ। ଶେଷରେ ସମସ୍ତ ମେଢ଼ ଗୁଡ଼ିକ ନିକଟସ୍ଥ ରାମିଆଳ ନଦୀରେ ବିସର୍ଜନ କରାଯାଇଥିଲା। ପୂଜାର ନବମୀ ସନ୍ଧ୍ୟାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସହରର ସମସ୍ତ ମେଢ ବୁଲି ଦେଖିଥିଲେ। ସମସ୍ତ କମିଟି ସଦସ୍ୟ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀଙ୍କ ସହ ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସାମାଜିକ କର୍ମୀ ମଙ୍ଗତଲାଲ କାଟାରୁକା, ଓଡିଶା ଷ୍ଟେଟ ମାର୍କେଟିଂ ଫେଡେରେଶନ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ।





ଶୋଭାଯାତ୍ରାରେ ମା’ ଦୁର୍ଗାଙ୍କୁ ବିସର୍ଜନ ନିମନ୍ତେ ନିଆଯାଉଛି।



ରାବଣ ପୋଡ଼ି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ମଞ୍ଚାସୀନ ଅନ୍ୟ ଅତିଥିମାନେ।

### ରାବଣ ପୋଡ଼ି ବେଳେ ଅଘଟଣ

## ବିଦ୍ୟୁତ୍ ତାର ଛିଣ୍ଡି ଯୁବକ ମୃତ

ଢେଙ୍କାନାଳ,୨୫।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଷ୍ଟାଡିୟମଠାରେ ମଙ୍ଗଳବାର ରାବଣ ପୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ସେଠାରେ ଛିଡା ହୋଇଥିବା ସୌମ୍ୟରଞ୍ଜନ ସାହୁ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଗଁଦିଆସ୍ଥିତ ବରପଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗଁଦିଆ ପୋଲିସ ଘଟଣାର ତଦନ୍ତ କରୁଛି। ମୃତ ସୌମ୍ୟରଞ୍ଜନଙ୍କ ପିତା ଅଥାନିଙ୍କ ଅଭିଯୋଗ କ୍ରମେ ଗଁଦିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

## ବଜାର କମିଟି ପକ୍ଷରୁ ରାବଣ ପୋଡ଼ି

ସାତମାଇଲ,୨୫।୧୦(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ ବଜାର କମିଟିପକ୍ଷରୁ ବୁଧବାର ଦୁର୍ଗାପୂଜା ଓ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ହିନ୍ଦୋଳ ରୋଡ ସ୍ଥିତ ରାମ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କଳାକାରମାନେ ରାମ, ଲକ୍ଷ୍ମଣ, ହନୁମାନ, ବାନର ସେନା ଏବଂ ରାବଣ ବେଶରେ ଏକ ଶୋଭାଯାତ୍ରାରେ ବାହାରି ହିନ୍ଦୋଳ ରୋଡ ବଜାର ପରିକ୍ରମା କରି କଲେଜଛକ ସ୍ଥିତ ଷ୍ଟାଡିୟମରେ ପହଞ୍ଚି ଥିଲେ। ସେଠାରେ ପୂର୍ବରୁ ସୁସଜ୍ଜିତ ହୋଇଥିବା ରାବଣ ପୁତ୍ତଳିକାକୁ ଲକ୍ଷ୍ୟ କରି ରାମଚନ୍ଦ୍ର ଶରମାରି ବଧ କରିଥିଲେ। ଗତିକୃଷ୍ଣ ସାହୁ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀମାନେ ସହଯୋଗ କରିଥିଲେ। ରାବଣପୋଡି ଉତ୍ସବରେ ଆଖପାଖ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ବିକାଶ ବେହେରାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଗତ ରବିବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିନ୍ଦୋଳ ରୋଡରେ ପହଞ୍ଚି ମା’ଙ୍କ ପୂଜାର୍ଚ୍ଚନା କରିଥିଲେ।



ହିନ୍ଦୋଳ ରୋଡ ବଜାର କମିଟି ପକ୍ଷରୁ ରାବଣ ପୋଡ଼ି କାର୍ଯ୍ୟକ୍ରମ।

## ଲକ୍ଷ୍ମୀପୂଜାରେ ଶିଶୁ ଶ୍ରମିକଙ୍କୁ ମନା

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଲକ୍ଷ୍ମୀପୂଜାରେ ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ନିମନ୍ତେ ନିଷ୍ପତି ନିଆଯାଇଛି। ଏ ସଂକ୍ରାନ୍ତରେ ସ୍ୱେଚ୍ଛାସେବୀ ସଂସ୍ଥା ମିଶନ ରିକନଷ୍ଟ୍ରକଶନ ଓ ଗଣେଶ ବଜାରସ୍ଥିତ ବେସିକ୍ ଇନଫର୍ମେଶନ ଓ ମଡିଆ ସର୍ଭିସ୍ ସେଣ୍ଟର ପକ୍ଷରୁ କେନ୍ଦ୍ରର ସମ୍ପାଦକ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ଡ. ବିଜୟ ମହାପାତ୍ର, ଶିଶୁ ଗବେଷକ ଡ. ବିରଞ୍ଚି ନାରାୟଣ ସେଠ, ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଶିଶୁ ମଙ୍ଗଳ କମିଟି ପୂର୍ବତନ ସଭ୍ୟ ଭାନୁମତି ପାଣି, ପୂର୍ବତନ ସଭ୍ୟ ନିରଞ୍ଜନ ମିଶ୍ର ପ୍ରମୁଖ ମଙ୍ଗଳବାର ସନ୍ଧ୍ୟାରେ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ସହିତ ମଧ୍ୟ ଆଲୋଚନା କରାଯାଇ ଦାବିପତ୍ର ଦିଆଯାଇଥିଲା। ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ ସଂସ୍ଥା, ହୋଟେଲ, ରେଷ୍ଟୁରାଣ୍ଟ ଓ ମେଳା ଆଦିରେ ନିୟୋଜିତ ନ କରିବା ଏବଂ ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନଭେମ୍ବର ୯, ୧୦ରେ ପ୍ଲାଟିନମ ଜୁବିଲି

ଭୁବନ,୨୫।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବଲି ପାଳନ ପାଇଁ ରବିବାର ସ୍ଥାନୀୟ ବିଦ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଡ. କୃଷ୍ଣଚନ୍ଦ୍ର ଆଏଚ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ନଭେମ୍ବର ୯ ଓ ୧୦ରେ ପ୍ଲାଟିନମ୍ ଜୁବଲି ପାଳନ କରାଯିବା ପାଇଁ ସ୍ଥିର ହୋଇଥିଲା। ସର୍ବସମ୍ମତିକ୍ରମେ ୧୯୭୬ ମାଟ୍ରିକ ବ୍ୟାଚ୍‌ର ଛାତ୍ର ତଥା ଅବସରପ୍ରାପ୍ତ ବ୍ୟାଙ୍କ ଜିଏମ ଧନେଶ୍ୱର ସାହୁଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଥିଲା। ସେହିପରି ସମ୍ପାଦକ ଭାବେ ନିଶାକର ସାହୁ, ଉପସଭାପତି ଭାବେ ଦୁର୍ଯ୍ୟୋଧନ ସାହୁ ଓ ଟ୍ରେଜରର ଭାବେ ଗଦାଧର ଦାସଙ୍କୁ ମନୋନୀତ କରାଯାଇଥିଲା।



ବୈଠକରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା।

ବୈଠକରେ ପୁରାତନ ଛାତ୍ର ତଥା ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ, ଅବସରପ୍ରାପ୍ତ ଓଡ଼ିଆ ବିଭାଗ ଅଧ୍ୟାପକ କୈଳାସଚନ୍ଦ୍ର ଗୁରୁ, ବରିଷ୍ଠ ଆଇନଜୀବୀ ସନାତନ ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ହରିହର ମିଶ୍ର, ଅଜୟ କୁମାର ପଣ୍ଡା, ବ୍ରହ୍ମାନନ୍ଦ ସାହୁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସନାତନ ସାହୁ, ନରହରି ସାହୁ, ସମୀର ସାହୁ, ମାତୃପ୍ରସାଦ ମିଶ୍ର, ଡ. ସୁବାସ ଚନ୍ଦ୍ର ନାୟକ, ଆଇନଜୀବୀ ବାବୁଲି ସେଠୀ, ବେଣୁଧର ଗୁରୁ, ନିତ୍ୟାନନ୍ଦ ବେହେରାଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍ ରଘୁନାଥ ନନ୍ଦଙ୍କ ପରଲୋକ

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ରହୁଥିବା ଶିକ୍ଷାବିତ୍, ସାହିତ୍ୟିକ ରଘୁନାଥ ନନ୍ଦ (୯୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ୧୯୨୯ରେ ତାଳଚେରର ତାଳବେଡା ଗ୍ରାମରେ ଜନ୍ମଗ୍ରହଣ କରିଥିବା ନନ୍ଦ ତାଙ୍କ କର୍ମମୟ ଜୀବନରେ ବାରିପଦାର ରାଜାଲୋକା ଓ ଯାଜପୁରର ଡୋଳିପୁର ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ, ରେଢାଖୋଲର ଗୌରାଙ୍ଗ ଚରଣ ହାଇସ୍କୁଲ, ସୁନ୍ଦରଗଡର ଭବାନୀ ଶଙ୍କର ହାଇସ୍କୁଲ, କଟକ ସୁନ୍ଦରଗ୍ରାମ ହାଇସ୍କୁଲ, ତାଳଚେର ଯୁବରାଜ ହାଇସ୍କୁଲ, ହାଣ୍ଡିଧୁଆ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ଜଣେ ଭଗବତ ପ୍ରେମୀ, ସରଳ ଓ ଅମାୟିକ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ଏମ୍‌ପି ମହେଶ ସାହୁ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସେ ଶିକ୍ଷାଗୁରୁ ଥିଲେ। ସେ ୧୬ଖଣ୍ଡ ପୁସ୍ତକ ରଚନା କରିଥିଲେ। ତାଙ୍କ ବିୟୋଗ ଖବରପାଇ ଏମ୍‌ପି ସାହୁ ଓ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗଭୀର ଶୋକପ୍ରକାଶ କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ତଥା ଦିଲ୍ଲୀସ୍ଥିତ ଏକ ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟ ଗିରିଜା ପ୍ରସାଦ ନନ୍ଦ ମୁଖାଗ୍ନି ଦେଇଥିଲେ। ଦ୍ୱିତୀୟ ପୁତ୍ର ବ୍ରହ୍ମପୁର ଖଣି ସର୍କଲ୍‌ର ଯୁଗ୍ମ ନିର୍ଦ୍ଦେଶକ ଶୈଳଜା ପ୍ରସାଦ ନନ୍ଦ, ମହାରାଷ୍ଟ୍ରରେ ରହୁଥିବା ଚତୁର୍ଥ ପୁତ୍ର ଶକ୍ତିପ୍ରସାଦ ନନ୍ଦ ଓ ମୁମ୍ବାଇରେ ରହୁଥିବା କନିଷ୍ଠ ପୁତ୍ର ଗୌରୀପ୍ରସାଦ ନନ୍ଦ ପ୍ରମୁଖ ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ପିତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।



ଶିକ୍ଷାବିତ ରଘୁନାଥ ନନ୍ଦ।

## ଜଙ୍ଗଲ ସୁରକ୍ଷା, ପରିଚାଳନା ସୁଦୃଢ଼ କରାଯିବ

ଢେଙ୍କାନାଳ,୨୫।୧୦ (ରତନ ନାୟାର)

ଓଡ଼ିଶା ଜଙ୍ଗଲ ମଞ୍ଚ କର୍ମକର୍ତ୍ତାଙ୍କୁ ନେଇ ଭୁବନେଶ୍ୱର ରେଡକ୍ରସ ଭବନଠାରେ ଜଙ୍ଗଲ ଓ ପରିବେଶ ଉନ୍ନତିର ପରିଚାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଜିଲା ତଥା ଓଡ଼ିଶା ଜଙ୍ଗଲ ମଞ୍ଚର ସଭାପତି ବାଉରୀବନ୍ଧୁ ରାଉତ ସଭାପତିତ୍ୱ କରିଥିଲେ। ଜଙ୍ଗଲ ଅଧିକାର ଆଇନ ୨୦୦୬ର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ମୋ ଜଙ୍ଗଲ ଜମି ଯୋଜନାର ପରିକଳ୍ପନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଦର୍ଶାଇ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ଏହା ଜଙ୍ଗଲ ସୁରକ୍ଷା ଓ ପରିଚାଳନା କାର୍ଯ୍ୟକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଜୀବନ ଜୀବିକାର ଉନ୍ନତୀ ସୁନିଶ୍ଚିତ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଓଡ଼ିଶା ଜଙ୍ଗଲ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାପତି ବାଉରୀବନ୍ଧୁ ରାଉତଙ୍କ ସମେତ ଅନୁଗୋଳ ଜିଲା ସଭାପତି ଦିଲୀପ କୁମାର ସାହୁ, ଢେଙ୍କାନଳ ଜିଲାରୁ ଶିଶିର ଶତପଥୀ, କେନ୍ଦୁଝରରୁ ବୀରବର ନାୟକ ଓ ନୟାଗଡରୁ ବିକ୍ରମ ନାୟକ ପ୍ରମୁଖ କର୍ମକର୍ତ୍ତା ଅଭିଯୋଗ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟର ପ୍ରାୟ ୧୮ରୁ ଅଧିକ ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ।



ଓଡ଼ିଶା ଜଙ୍ଗଲ ମଞ୍ଚର କର୍ମକର୍ତ୍ତାଙ୍କ ବୈଠକ।

## ବିଭିନ୍ନ ପୂଜା ମଣ୍ଡପ ବୁଲିଲେ ବିଧାୟକ

ଛେଣ୍ଡିପଦା,୨୫।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଧୁମ୍‌ଧାମରେ ବିଜୟା ଦଶମୀ ପାଳିତ ହୋଇଯାଇଛି। ବ୍ଲକର କୋଶଳା, ଜରପଡା, ଛେଣ୍ଡିପଦା, ବାଗଡିଆ ଓ କଣଲୋଇ ଆଦି ସ୍ଥାନରେ ଥିବା ମଣ୍ଡପରେ ମା’ଦୁର୍ଗାଙ୍କ ପୂଜାର୍ଚ୍ଚନା ହୋଇଥିଲା। ବିଜୟା ଦଶମୀରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବା ସହିତ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଧାୟକ ଖମାର ଓ କଣଲୋଇଗଡ଼ର ପାଇକ ଆଖଡ଼ାରେ ଯୋଗ ଦେଇଥିଲେ। ପୂର୍ବ ପୁରୁଷରୁ ଥିବା ଅସ୍ତ୍ରଶସ୍ତ୍ରକୁ ପାଇକ ପୁଅମାନେ ହାତରେ ଧରି ବୀର ଦର୍ପରେ ଦଶହରା ପଡିଆକୁ ଆସିଥିଲେ। ସେଠାରେ ପାଇକ ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ନଗେନ ପ୍ରଧାନ, ସରପଞ୍ଚ ଜନ୍ମେଜୟ ମାଝି, ଅମରେଶ ନାଥ, ଜିଲା ଯୁବ ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ଯୁବ ସଭାପତି ଆଶିଷ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥଲା। ସେହିପରି ଜରପଡ଼ା ଗ୍ରାମ୍ୟ ପରିଚାଳନା କମିଟି ନେତୃତ୍ୱରେ ଜରପଡା ଦୁର୍ଗାପୂଜା କମିଟି ପକ୍ଷରୁ ହାଟପଦାଠାରେ ପୂଜା, ରାବଣପୋଡି ଓ ଆଜ୍ଞାଲଡ୍ଡୁ ନିଲାମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ଜରପଡା ଥାନା ଅଧିକାରୀ ପୀତାମ୍ବର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଏୟୁସିସିର ନିର୍ଦ୍ଦେଶକ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଣୀଧନ ଉପନିର୍ଦ୍ଦେଶକ ରମେଶ ଚନ୍ଦ୍ର ପ୍ରଧାନ, ଗ୍ରାମ୍ୟ କମିଟି ସମ୍ପାଦକ ନିର୍ମଳ ପ୍ରଧାନ, ଦୁର୍ଗାପୂଜା କମିଟି ସଭାପତି କହ୍ନେଇ ସାହୁ, ଜରପଡା ସରପଞ୍ଚ ବିଦେଶୀ ବେହେରା, ଦୁର୍ଗାପୂଜା କମିଟି ସଭାପତି କହ୍ନେଇ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅବସରରେ ମା’ ଦୁର୍ଗାଙ୍କ ଆଜ୍ଞାଲଡ୍ଡୁ, ଆଜ୍ଞା ମାଳ ଓ ଚିତା ନିଲାମ କରାଯାଇଥିଲା। ପରେ ଗ୍ରାମ ନିକଟସ୍ଥ ଖୋଲଛାଞ୍ଚୁଣି ନାଳରେ ମା’ଙ୍କୁ ବିସର୍ଜନ କରାଯାଇଥିଲା। ଗ୍ରାମ୍ୟ କମିଟି ଉପସଭାପତି ସ୍ୱାଧୀନ ସାହୁ, ଲମ୍ବୋଦର ସାହୁ, ସରୋଜ ସାହୁ, ରଞ୍ଜନ ସାହୁ, ରସାନନ୍ଦ ସାହୁଙ୍କ ସମେତ ଗ୍ରାମ୍ୟ କମିଟି ଓ ଦୁର୍ଗାପୂଜା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



## ମହାମାୟୀ ଦୁର୍ଗାପୂଜା ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଉପଖଣ୍ଡ କଳାଙ୍ଗ ଗ୍ରାମସ୍ଥିତ ମହାମାୟୀ ଦୁର୍ଗାପୂଜା ପ୍ରତିଷ୍ଠାନର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଯୋଗଦେଇ ଗ୍ରାମର ସର୍ବାଙ୍ଗିନ ଉନ୍ନତି ଓ ବିକାଶ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ବିରଞ୍ଚି ନାୟାରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବର ସଭାପତି ଅଧୀର କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ପ୍ରଥମ ଉଦ୍ୟକ୍ତା ଚୈତନ୍ୟ ସାମଲ, ଲିଙ୍ଗରାଜ ସାମଲ ଓ ଶୁକଦେବ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଅନୁଷ୍ଠାନ ୫୦ ବର୍ଷରେ ପଦାର୍ପଣ କରିଛି ବୋଲି ମତପ୍ରକାଶ ପାଇଥିଲା। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜକିଶୋର ସାହୁ ଯୋଗଦାନ କରିଥିଲେ। ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ସୁଜିତ ସାମଲ ଓ ଅଭିରାମ ସାମଲ। ପ୍ରଫୁଲ୍ଲ କୁମାର ସାହୁ, ଶିଶିର ସାମଲ, ଅନିରୁଦ୍ଧ ସାମଲ, ବାନାମ୍ବର ସାମଲ, ମନୋଜ ବେହେରା, ସମୀର କୁମାର ସାମଲ, ଡ. ଉମେଶ କୁମାର ସିଂହ ଓ ମାନସ କୁମାର ସାମଲ ପରିଚାଳନାରେ ସହଯୋଗ କରିଥିଲେ।




କଳାଙ୍ଗ ଗ୍ରାମରେ ଦୁର୍ଗାପୂଜା ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ।

## ଶୃଙ୍ଖଳାରେ ସରିଲା ବଳଦଯାତ୍ରା



ଅନୁକୂଳ ଯାତ୍ରାକୁ ତହସିଲଦାର ଓ ନଗରପାଳ ଉଦ୍‌ଘାଟନ କରୁଛନ୍ତି ।



ରାବଣ ପୋଡି ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଭୁବନ,୨୫।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ବଳଦଯାତ୍ରା ବୁଧବାର ଶେଷ ହୋଇଛି। ମଙ୍ଗଳବାର ଏହି ଯାତ୍ରା ଅନୁକୂଳ ହୋଇଥିଲା। ଏହାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ପୋଲିସ, ପ୍ରଶାସନ, ଦଶହରା କମିଟି, ଶାନ୍ତି କମିଟି ଓ ବିଭିନ୍ନ ଯୁବକ ସଂଘ ପକ୍ଷରୁ ସହଯୋଗ କରାଯାଇଥିଲା। ଭୁବନ ତହସିଲଦାର ଅଂଶୁମାନ ମହାପାତ୍ର, ଥାନା ଅଧିକାରୀ ଅମ୍ବିକା ପଟ୍ଟନାୟକ, ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବଳଦିଆ କମିଟି ସଭାପତି ଦିଲୀପ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୁଧବାର ୨ୟ ଦିନ ଭସାଣିଯାତ୍ରା ପାଇଁ ପାଲାମଣ୍ଡପଠାରେ ସନ୍ଧ୍ୟାରେ ରାବଣ ପୋଡି ଓ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବଳଦ ଯାତ୍ରାରେ ୩୦ ବଳଦ ଓ ୨ ଷଣ୍ଢ ସାମିଲ ହୋଇଥିଲେ। ଅତ୍ୟାଧୁନିକ ବାଜା, ଭାଙ୍ଗଡା ନୃତ୍ୟ ସହିତ ଅନେକ ବାଦ୍ୟ ସାମିଲ ହୋଇଥିଲା। ଭସାଣି ଉତ୍ସବରେ ୧୧ଟି ଦୁର୍ଗା ମେଢ, ୨ଟି ହରପାର୍ବତୀ ମେଢ଼ ଓ ଗ୍ରାମର ଆରାଧ୍ୟ ଦେବୀ ମା’ ବଣିଜାରୀଙ୍କ ଚଳନ୍ତି ପ୍ରତିମା ସାମିଲ ହୋଇଥିଲେ। ଯାତ୍ରାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୋଲିସ ପକ୍ଷରୁ ଟ୍ରାଫିକ କଟକଣା, ନୋ ଏଣ୍ଟ୍ରି ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ସହରର ପ୍ରବେଶ ପଥକୁ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ସେହିପରି ରାବଣପୋଡି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇଥିଲେ। ଉଦ୍‌ଘାଟକ ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ମହିଳା ନେତ୍ରୀ ସାଗରିକା ମିଶ୍ର, ପୂର୍ବତନ ଏନ୍ଏସି ଅଧ୍ୟକ୍ଷା କବିତା ବାରିକ ଯୋଗ ଦେଇଥିଲେ। ଅଜୟ କୁମାର ସେଠୀ, କୋଦଣ୍ଡଧର ସାହୁ ଓ ପ୍ରଭାକର ସାହୁ ପରିଚାଳନା କରିଥିଲେ। ଏହି ମହୋତ୍ସବରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ, ଅଗ୍ନିଶମ ବିଭାଗ ଓ ରାବଣପୋଡି କ୍ରିୟାନୁଷ୍ଠାନ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗଣବଳାତ୍କାର ଘଟଣା, ୨ ଅଟକ

ଭୁବନ,( ବିପିନ ବିହାରୀ ସେଠୀ ): ଢେଙ୍କାନାଳ ଜିଲା ଭୁବନ ଥାନା ବାରୁଆ ଛକ ନିକଟରେ ଶୁକ୍ରବାର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଅଟକ ଯୁବକମାନେ ବାରୁଆ ଅଞ୍ଚଳର ବୋଲି ପୋଲିସ ପକ୍ଷରୁ ଜଣାପଡିଛି। ପୋଲିସ ଅଟକ ଯୁବକଙ୍କୁ ପଚରାଉଚରା ଚଳାଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି।

### ସଂକ୍ଷେପରେ

## ଶିକାରୀ ବିଦ୍ୟୁତ୍ ଫାଶରେ ଲାଗି ଯୁବକ ମୃତ

**କଣିହାଁ,୨୫।୧୦(ସଚ୍ଚିଦାନନ୍ଦ ପ୍ରଧାନ):** କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଗେଙ୍ଗୁଟିଆ ଗ୍ରାମ ଜଙ୍ଗଲରୁ ଜବତ କରିଛି। ମୃତକ ସେହି ଗ୍ରାମର ଟିଟୁ ନହରା(୨୩)। ପୋଲିସ କହିଛି, କେତେଜଣ ଶିକାରୀ ବାରହା ଶିକାର ପାଇଁ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିଲେ। ସେହି ସମୟରେ ଟିଟୁ ଚାଷ ଜମି ଦେଖିବା ପାଇଁ ଯାଇଥିବାବେଳେ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ପରେ ଶିକାରୀମାନେ ମୃତଦେହକୁ ଜଙ୍ଗଲର ଏକ ପଥର ଖୋଲରେ ଲୁଚାଇ ଦେଇଥିଲେ। ଟିଟୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ମଙ୍ଗଳବାର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ମୃତକଙ୍କ ବାପା ପବନା ନହରାଙ୍କ ଅଭିଯୋଗକ୍ରମେ ନଂ. ୧୩୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖୁବଶୀଘ୍ର ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ଶୋଷଣ ବିରୋଧରେ ସ୍ୱର ଉଠାନ୍ତୁ ବୁଦ୍ଧିଜୀବୀ



ଉଫୁନା ପକ୍ଷରୁ ବିଶ୍ୱ ଜାତିସଂଘ ଦିବସ ପାଳନ କରାଯାଉଛି।

### ଉଫୁନା ପକ୍ଷରୁ ବିଶ୍ୱ ଜାତିସଂଘ ଦିବସ

**ଢେଙ୍କାନାଳ,୨୫।୧୦ (ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ହୋଟେଲ ଦେବକନ୍ୟା ସଭାଗୃହରେ ଉଫୁନା ପକ୍ଷରୁ ବିଶ୍ୱ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ଉଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାଷୀ ମାଧ୍ୟମରେ ଦିବସକୁ ଉଦ୍‌ଘାଟନ କରିଥିଲେ। ସର୍ବଭାରତୀୟ ଉପସଭାପତି ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ ଯେ, ବୁଦ୍ଧଙ୍କ ବାଣୀ ବିଶ୍ୱ ଶାନ୍ତି ପାଇଁ ଉଦ୍ଦିଷ୍ଟ ଥିଲା। ବର୍ତ୍ତମାନ ଜାତିସଂଘ ସେହି କାର୍ଯ୍ୟ ହାତକୁ ନେଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ, ୧୯୪୫ ମସିହା ଅକ୍ଟୋବର ୨୪ରେ ଯେଉଁ ବିଚାର ନେଇ ଜାତିସଂଘ ଗଠନ କରାଯାଇଥିଲା ତାହାକୁ କେତୋଟି ରାଷ୍ଟ୍ର କାର୍ଯ୍ୟକାରୀ କରାଇ ଦେଉନାହାନ୍ତି। ବିଶିଷ୍ଟ ଅର୍ଥନୀତି ବିଶାରଦ ଡ. ସନ୍ତୋଷ ମହାପାତ୍ର ଓ ଅଧ୍ୟାପିକା ମୀରା ବେଉରାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ମହାପାତ୍ର କହିଲେ, ବୁଦ୍ଧିଜୀବୀମାନେ ଅନ୍ୟାୟ, ଶୋଷଣ ଓ କଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ କହିଲେ, ରାମଙ୍କ ଶାସନ ବହୁତ ପ୍ରଜାବତ୍ସଳ ଥିଲା। ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୂର ପାଟସାହାଣୀ ଦେଶ ଦେଶ ମଧ୍ୟରେ ଉତ୍ତମ ବୁଝାମଣା ହେଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମାଜବାଦୀ ନେତା ସରୋଜ ଶତପଥୀ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କ ଦାଦାଗିରି ସତ୍ତ୍ୱେ ଜାତିସଂଘ ସ୍ୱାସ୍ଥ୍ୟ ଓ କ୍ଷୁଧାମୁକ୍ତି ପାଇଁ କାମ କରୁଛି ବୋଲି କହିଥିଲେ। ଶେଷରେ ପରିବେଶବିତ୍ ଉପେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି

**ଛେଣ୍ଡିପଦା,୨୫।୧୦ (ଅଜିତ୍ ଧଳ)**

ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ବାରମଞ୍ଚା-୧ ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ହୋଇଥିବା ବୁଧବାର ଅଙ୍ଗନୱାଡି କର୍ମୀ ଓ ବେଦାନ୍ତ ନନ୍ଦ ଘରର କର୍ମୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବେଦାନ୍ତ ନନ୍ଦଘର ପକ୍ଷରୁ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଟିଭି, ବ୍ୟାଟେରି, ଇନ୍‌ଭର୍ଟର, ପଙ୍ଖା, ବଲବ ଓ ପେନଡ୍ରାଇଭ ଆଦି ଯୋଗାଇ ଦିଆଯାଇଛି। ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କେନ୍ଦ୍ରର ତାଲା ଭାଙ୍ଗି ସମସ୍ତ ସାମଗ୍ରୀ ଚୋରି କରି ନେଇଥିଲେ। ବୁଧବାର ସକାଳେ ଅଙ୍ଗନୱାଡି କର୍ମୀ ଦମୟନ୍ତୀ ସାହୁ ଓ ସହାୟିକା ବାସନ୍ତୀ ସାହୁ କେନ୍ଦ୍ରରୁ ଚୋରି ହୋଇଥିବା ଜାଣିବା ପରେ ଅଙ୍ଗନୱାଡି କର୍ମୀ ଗ୍ରାମ ସଭାପତି, ସମ୍ପାଦକ, ସରପଞ୍ଚ, ବେଦାନ୍ତ କ୍ଲଷ୍ଟର କୋଡିନେଟର ଓ କମିଟିର ସଦସ୍ୟାସଦସ୍ୟଙ୍କୁ ଜଣାଇଥିଲେ। ଏ ନେଇ ଅଙ୍ଗନୱାଡି କର୍ମୀ ଓ ନନ୍ଦଘରର କର୍ମୀ ବୁଧବାର ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୨୫।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳରେ ବୁଧବାର ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠେଲକନାଳୀ ଗ୍ରାମର ବିପିନ କୁମାର ମିର୍ଦ୍ଧା, ହେମଲତା ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ଘରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।

## ଟ୍ରକ୍‌କୁ ଧକ୍କାଦେଲା ଟ୍ରେଲର, ଜଣେ ମୃତ

**ବଇଣ୍ଡା,୨୫।୧୦(ପରିକ୍ଷିତ ସାହୁ)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ରାଣୀଭୂଇଁ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରକକୁ ଏକ ଟ୍ରେଲର ଧକ୍କା ଦେଇଛି। ଏଥିରେ ଟ୍ରକ୍ ଚାଳକ ଜରପଡା ଥାନା ଦୁର୍ଗାପୁର ଗ୍ରାମର ସୁରେଶ ପରିଡାଙ୍କ ମୃତ୍ୟୁ ହୋଇଛି। ପୋଲିସ ଉଭୟ ଗାଡିକୁ ଜବତ କରି ନମ୍ବର ୩୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଏକ କୋଇଲା ବୋଝେଇ ଟ୍ରକ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ରାଣୀଭୂଇଁ ନିକଟରେ ଭାରସାମ୍ୟ ହରାଇ ପୋଲ ନିକଟରେ ଧକ୍କା ଦେଇ ଓଲଟି ପଡିଥିଲା। କିଛି ସମୟ ପରେ ପଛ ପଟୁ ଆସୁଥିବା ଏକ ଟ୍ରେଲର ଉକ୍ତ ଟ୍ରକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଟ୍ରକ ଚାଳକ ସୁରେଶଙ୍କ ମୃତ୍ୟୁ ହୋଇଥିଲା।

## ଆମ୍ବୁଲାନ୍ସ ଅଚଳ, ରୋଗୀ ମୃତ

**ଭୁବନ,୨୫।୧୦(ବିପିନ ବିହାରୀ ସେଠୀ)**



ବାଟରେ ଅଚଳ ହୋଇଗଲା ୧୦୮ ଆମ୍ବୁଲାନ୍ସ। ଫଳରେ ଠିକଣା ସମୟରେ ମେଡିକାଲରେ ପହଞ୍ଚି ନ ପାରିବାରୁ ରୋଗୀଙ୍କ ମୃତ୍ୟୁ ହୋଇଛି। ଆମ୍ବୁଲାନ୍ସ କର୍ମଚାରୀ ଓ ସ୍ଥାନୀୟ ଲୋକେ ସମ୍ପୃକ୍ତ ରୋଗୀଙ୍କୁ ଷ୍ଟ୍ରେଚରରେ ପ୍ରାୟ ୧ କି.ମି. ବୋହି ନେଇଥିଲେ ହେଁ ତାଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରି ନାହିଁ। ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ଜୟ ସାମଲ (୬୮)ଙ୍କ ରବିବାର ରାତିରେ ଦେହ ଅସୁସ୍ଥ ହୋଇଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିଲେ। ହେଲେ ଆମ୍ବୁଲାନ୍ସଟି ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଭୁବନ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟରେ ଅଚଳ ହୋଇଯାଇଥିଲା। ଆମ୍ବୁଲାନ୍ସ କର୍ମଚାରୀ ଓ ସ୍ଥାନୀୟ ଲୋକେ ଜୟଙ୍କୁ ଷ୍ଟ୍ରେଚର ଯୋଗେ ପ୍ରାୟ ଏକ କିଲୋମିଟର ବୋହି ନେବା ପରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି, କୌଣସି ଡକ୍ୟୁମେଣ୍ଟ ନାହିଁ। ଡାକ୍ତରଖାନାରେ ଥିବା ମହାପ୍ରୟାଣ ଗାଡ଼ିରେ ମୃତକଙ୍କୁ ତାଙ୍କ ଗ୍ରାମ ସୁରପ୍ରତାପପୁର ନିଆଯାଇଛି।

## ଥାନାରୁ ଫେରାର ଅଭିଯୁକ୍ତ ଗିରଫ

**ଭୁବନ,୨୫।୧୦(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନାରୁ ଶନିବାର ସକାଳେ ଫେରାର ହୋଇଯାଇଥିବା ଅଭିଯୁକ୍ତ ଦିବାକର ବାରିକଙ୍କୁ ସୋମବାର ପୋଲିସ ଗିରଫ କରିଛି। ଦିବାକର କିଛିଦିନ ତଳେ ରଗଡ଼ି ଛକରେ କେତେଜଣ ବ୍ୟକ୍ତିଙ୍କ ସହ ମିଶି ନୀଳକଣ୍ଠପୁର ଗ୍ରାମର ଜଣେ ଯୁବକଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ. ୩୧୫/୨୦୨୩ରେ ଏକ ମାମଲା ରୁଜୁ କରି ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦିବାକର ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲା। ପୋଲିସ ଖୋଜାଖୋଜି କରି ତାଙ୍କୁ ହିଙ୍ଗୁଳା ପୀଠ ନିକଟରୁ କାବୁ କରିଥିଲା। ଦିବାକରଙ୍କ ନାମରେ ଭୁବନ ଥାନାରେ ବିଭିନ୍ନ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମା' ମାହେଶ୍ୱରୀ କପ ଉଦ୍‌ଘାଟିତ


ମୁଖ୍ୟଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ବଇଣ୍ଡା,୨୫।୧୦(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମଙ୍ଗଳବାର ମା' ମାହେଶ୍ୱରୀ କପ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟାପକ ଅସିତ କୁମାର ଜେନା, ଅସୀମ କୁମାର ଜେନା, ଜିତେନ୍ଦ୍ର ସାହୁ, ଅନିଲ କୁମାର ସାହୁ, ପ୍ରହଲ୍ଲାଦ ପ୍ରଧାନ, କ୍ଷୀରୋଦ କୁମାର ବେହେରା, ଟୁନା ବିଶ୍ୱାଳ, ଅରୁଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଲକ୍ଷ୍ମଣ ୟୁନିଟ୍ ଭୁବନେଶ୍ୱର ଏବଂ ଏମ୍‌ଏମସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମଣ ୟୁନିଟ୍ ଭୁବନେଶ୍ୱର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ହିଟ ମାଇଣ୍ଡ ଭଦ୍ରକ ଏବଂ ପାଢ଼ୀ ଇଲେଭେନ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହିଟ ମାଇଣ୍ଡ ଭଦ୍ରକ ବିଜୟୀ ହୋଇଥିଲା। ମାନସ ରଞ୍ଜନ ପରିଡା, ଜ୍ଞାନରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। କ୍ଲବ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନାଲ୍‌କୋନଗରରୁ ବିଦାୟ ନେଲେ ମା' ଦୁର୍ଗା

**ବଅଁରପାଳ,୨୫।୧୦ (ଉପେନ୍ଦ୍ର ରାଉତ)**


ଶୋଭାଯାତ୍ରା ବିସର୍ଜନ ପାଇଁ ମା' ଦୁର୍ଗାଙ୍କ ମେଢ଼କୁ ନିଆଯାଉଛି।

ନାଲ୍‌କୋନଗରରୁ ବୁଧବାର ବିଦାୟ ନେଇଛନ୍ତି ମା' ଦୁର୍ଗା। ସୁସଜ୍ଜିତ ମେଢ ସାଙ୍ଗକୁ ଆକର୍ଷଣୀୟ ବାଦ୍ୟ ବଜଣାରେ ନାଲ୍‌କୋ ନଗର ପ୍ରକମ୍ପିତ ହୋଇଥିଲା। ଡିଜେ ସାଉଣ୍ଡ, ଶିବ ତାଣ୍ଡବ, ଘଣ୍ଟ ବାଦ୍ୟ, ଶିଙ୍ଗ ବାଜା ଆଦି ପ୍ରଦର୍ଶନ ଓ ନାଲକୋ ନଗର ପରିକ୍ରମଣ କରାଯାଇଥିଲା। ପୂଜା କମିଟି ସଭାପତି ଶୁଭେନ୍ଦୁ ନାୟକ, ସମ୍ପାଦକ ପି.କେ ବେହେରା, ମନୋଜ ସ୍ୱାଇଁ, ନାଟବର ମହାନ୍ତି, ବିରଞ୍ଚି ନାରାୟଣ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଦେବୀଙ୍କୁ ନାଲ୍‌କୋନଗର ପରିକ୍ରମା କରିବା ପରେ ବିସର୍ଜନ କରାଯାଇଥିଲା।

## ବାଇକ୍ ଚୋରି ଅଭିଯୋଗ

**ଛେଣ୍ଡିପଦା,୨୫।୧୦(ଅଜିତ ଧଳ)**

ଅନୁଗୋଳ ଜିଲା ନିଶା ଶିଲ୍ପାଞ୍ଚଳ ଥାନା ଜିନ୍ଦଲ ପ୍ଲାଣ୍ଟ ଜଗନ୍ନାଥ ମନ୍ଦିର ପାର୍କିଂରୁ ଏକ ବାଇକ ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ କହିଛି, ଅନୁଗୋଳ ସଦର ଥାନା କୁଇଅ ଗ୍ରାମର ସିଦ୍ଧାନ୍ତ ଦାସ ଜିନ୍ଦଲ କମ୍ପାନୀରେ କାମ କରନ୍ତି। ଗତ ୨୩ ତାରିଖ ସକାଳେ କମ୍ପାନୀ ପାଖରେ ଥିବା ଜଗନ୍ନାଥ ମନ୍ଦିର ପାର୍କିଂରେ ବାଇକ ରଖିଥିଲେ। ସନ୍ଧ୍ୟାରେ କାମ ସାରି ଆସି ଦେଖିଲା ବେଳକୁ ତାଙ୍କ ବାଇକ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ବନ୍ଧୁକ ଚାଳନା ପ୍ରତିଯୋଗିତା ଆରମ୍ଭ


ବନ୍ଧୁକ ଚାଳନା ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ତାଳଚେର,୨୫।୧୦(ମନୋଜ ନନ୍ଦ)**

ତାଳଚେର ରାଇଫଲ କ୍ଲବର ୫୮ତମ ବନ୍ଧୁକ ଚାଳନା ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହୋଇଛି। ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସଡିପିଓ ମାନସ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବ ସମ୍ପାଦକ ପ୍ରବୀର ଚନ୍ଦ୍ର ଧୀର, ଶରତ ଚନ୍ଦ୍ର ଦେବ, ପ୍ରମୋଦ ସାହୁଙ୍କ ସମେତ କ୍ଲବର ସଦସ୍ୟ ଉପସ୍ଥିତ ଥିଲେ। ଏହା ୩ ଦିନ ଚାଲିବ। ରାଜ୍ୟର ବିଭିନ୍ନ ଜିଲାର ପ୍ରତିଯୋଗିମାନେ ଏଥିରେ ଯୋଗ ଦେଇଛନ୍ତି।

## ୧୫ ଜଣିଆ ତୀରନ୍ଦାଜୀ ଦଳ ମନୋନୀତ

**ଢେଙ୍କାନାଳ,୨୫।୧୦ (ରତନ ନାୟାର)**

ଆସନ୍ତା ୨୭ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଢେଙ୍କାନାଳ ଜିଲାରୁ ୩ଜଣ ଅଫିସିଆଲ୍‌ଙ୍କ ସହିତ ଏକ ୧୫ ଜଣିଆ ଦଳ ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନେ ହେଲେ ମହିଳା ବିଭାଗରେ ଆଦ୍ୟାଶା ପତି, ଦେବସ୍ମିତା ମହନ୍ତ, ଦୀପିକା ମାରାଣ୍ଡି, ଦୁଃଖୀ ଶୁଣ୍ଢି, ସସ୍ମିତା ଦେହୁରୀ, ଶିଖାରାଣୀ ବେହେରା, ଶ୍ରଦ୍ଧାଞ୍ଜଳି ଦେହୁରୀ, ସୁଶ୍ରୀ ଶାଶ୍ୱତୀ ସାହୁ। ପୁରୁଷ ବିଭାଗରେ ଅନନ୍ତ ଗୋବିନ୍ଦ ମାରାଣ୍ଡି, ସୋନୁ ହେମ୍ବ୍ରମ୍, ଡାଇମଣ୍ଡ ସୋରେନ୍, ଶୁଭ୍ରକାନ୍ତ ମହନ୍ତି। କୋଚ୍ ଭାବେ ନର୍ମଦା ମହାପାତ୍ର, ମାଧବ ମାରାଣ୍ଡି ଓ ଟଙ୍କଧର ବାରିକ୍ ମ୍ୟାନେଜର ଭାବେ ମନୋନୀତ ହୋଇଛନ୍ତି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଶାସନ ତରଫରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ସମସ୍ତ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଜିଲା ତୀରନ୍ଦାଜୀ ସଂଘ ସଭାପତି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଓ ଖେଳାଳିଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଏଥିସହିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଫୋନ୍ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସଫଳ ହୋଇ ଢେଙ୍କାନାଳ ପାଇଁ ମେଡାଲ୍ ଆଣି ଗୌରବାନ୍ୱିତ କରିବେ ବୋଲି ଆଶା ପ୍ରକଟ କରିଥିବା ଜିଲା ତୀରନ୍ଦାଜ ସଂଘ ସମ୍ପାଦକ ଅମୀୟ କୁମାର ଚାନ୍ଦ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।


ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ଖେଳାଳିମାନେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ଛେଣ୍ଡିପଦା,୨୫।୧୦(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଡୁବେ ଗ୍ରାମ ନିକଟରେ ଗତ ରବିବାର ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ହାକିମପଡା ଗ୍ରାମର ରାଜୁ ଗୋଛାୟତ। ଏ ନେଇ ବୁଧବାର ମୃତ ରାଜୁଙ୍କ ଭାଇ ସୁଧୀର ଗୋଛାୟତଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୪୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ରାଜୁ ଗତ ରବିବାର ବାଇକ ଯୋଗେ ଜରପଡା ଦେଇ ବଇଣ୍ଡା ଅଭିମୁଖେ ଯାଉଥିବାବେଳେ ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଡୁବେ ଗ୍ରାମ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଜରପଡା ପୋଲିସ ଖବରପାଇ ରାଜୁଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଦୁର୍ଗାମଣ୍ଡପ ବୁଲିଲେ କେନ୍ଦ୍ରମନ୍ତ୍ରୀ


ପାଲଲହଡ଼ା ଗସ୍ତ ଅବସରରେ ଦଳୀୟ କର୍ମୀଙ୍କ ଗହଣରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ପାଲଲହଡ଼ା,୨୫।୧୦ (ଦିବ୍ୟଜ୍ୟୋତି ଦାଶ)**

ଦଶହରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ପାଲଲହଡ଼ା ଗସ୍ତ କରିଥିଲେ। ଗତ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ପାଲଲହଡ଼ା ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ବସ୍‌ଷ୍ଟାଣ୍ଡଠାରେ ପାଲଲହଡା ଡ୍ରାଇଭର ସଂଘ ପକ୍ଷରୁ ଅୟୋଜିତ ମା' ଦୁର୍ଗାଙ୍କ ପୂଜା ମଣ୍ଡପ ଗସ୍ତ କରି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ପାଲଲହଡ଼ାର ଆରାଧ୍ୟ ଦେବୀ ମା' କୁଣ୍ଢେଇବିରାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପାଲଲହଡ଼ା ଅଞ୍ଚଳ ପାଇଁ ନିଜର କିଛି ସଂକଳ୍ପ ଅଛି ଏବଂ ଯେଉଁଠାରେ ଥିଲେ ମଧ ପାଲଲହଡ଼ା ପାଇଁ ନିଜର କର୍ତ୍ତବ୍ୟ କରିବା ନିମନ୍ତେ ତତ୍ପର ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

# ୩୮ ମଣ୍ଡପରେ ପ୍ରସ୍ତୁତି ଜୋର୍‌ଦାର

**୨୮ରୁ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା**

- ସଜେଇହେଲାଣି ସହର
- କେଦାରନାଥ ଓ ବାଲାଜୀ ମନ୍ଦିର ସଦୃଶ ତୋରଣ ପ୍ରମୁଖ ଆକର୍ଷଣ
- ହାତୀ ଓ ଜଙ୍ଗଲ ସୁରକ୍ଷା ପାଇଁ କରାଯିବ ସଚେତନ

ଢେଙ୍କାନାଳ,୨୫।୧୦(ରତନ ନାୟାର)



ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆସନ୍ତା ୨୮ ତାରିଖ କୁମାର ପୂର୍ଣ୍ଣିମାରୁ ୧୧ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ୨୮ ତାରିଖରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସକାଳୁ ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ୩୮ ପୂଜା ମଣ୍ଡପରେ ପୂଜା ପାଳନ ହେବାକୁ ଥିବାରୁ ସହରରେ ପ୍ରସ୍ତୁତି ଜୋର୍ ଧରିଛି। ମିନାବଜାର, ଗଣେଶ ବଜାର, କୈବଲ୍ୟ ବଜାର, ଲକ୍ଷ୍ମୀବଜାର ଓ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ମଣ୍ଡପ ଗୁଡିକରେ ଚାନ୍ଦିମେଢ ସାଜସଜା ଚାଲିଛି। ସେହିପରି ମୀନାବଜାର, ଗଣେଶ ବଜାର, କୈବଲ୍ୟ ବଜାର ଓ ଲକ୍ଷ୍ମୀବଜାର ପୂଜା ମଣ୍ଡପରେ ମା' ଲକ୍ଷ୍ମୀ ସୁନାମକୁଟରେ ଝଲସିବେ। ଗଣେଶ ବଜାର ଓ ମୀନାବଜାର ପୂଜା ମଣ୍ଡପରେ କେଦାରନାଥ ମନ୍ଦିର ସଦୃଶ ତୋରଣ ନିର୍ମାଣ ଚାଲିଛି। ସେହିପରି ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମଧ କୋଏମ୍ବାଟୁରର ଆଦିଯୋଗୀ ପୀଠ ସଦୃଶ ବିଶାଳ ତୋରଣ କରାଯାଉଛି। ବସଷ୍ଟାଣ୍ଡ-ଅମଲାପଡା ପୂଜା ପ୍ରତିଷ୍ଠାନ ପକ୍ଷରୁ ବାଲାଜୀ ତିରୁପତିଙ୍କ ମନ୍ଦିର ସଦୃଶ ତୋରଣ ନିର୍ମାଣ କାର୍ଯ୍ୟ ଚାଲିଛି। ସମସ୍ତ ପୂଜା ପ୍ରତିଷ୍ଠାନ ପକ୍ଷରୁ ମଣ୍ଡପର ଆକର୍ଷଣୀୟ ଆଲୋକୀକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଚଳିତବର୍ଷ ଜୁବୁଲି ଟାଉନ-୧ ଓ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ହାତୀ-ଜଙ୍ଗଲ ସୁରକ୍ଷା ନିମନ୍ତେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ ପାଇଁ ସାଜସଜା କରାଯାଇଛି। ପୂଜା ପାଖେଇ ଆସୁଥିବାରୁ ଉଠା ଦୋକାନୀମାନେ ବ୍ୟବସାୟ କରିବାକୁ ଥିବା ଜାଗା ଚିହ୍ନଟ କରି ସାରିଲେଣି। ଚଳିତବର୍ଷ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ୭୫ ବର୍ଷ ପୂର୍ତ୍ତି ଅବସରରେ ଧୁମଧାମରେ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଛି। ଢେଙ୍କାନାଳରେ ଲକ୍ଷ୍ମୀପୂଜା ଉତ୍ସବ ୮୦ବର୍ଷରେ ପହଞ୍ଚିଛି। ମୀନାବଜାର, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୁଡିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବୁଲିଟାଉନ-୧, କ୍ରିଷ୍ଣାବଜାର, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ ସିମିଳିଆ, ଷ୍ଟେଶନ ବଜାର, ମା' ସୁନ୍ଦରଶୁଣୀ ଆସ୍ଥାନ, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସ୍‌ଷ୍ଟାଣ୍ଡ, ଦୁର୍ଗା ବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, ଜୁବୁଲି ଟାଉନ-୨, ସ୍ୱପ୍ନେଶ୍ୱର ବଜାର, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାରସାହି, କମ୍ୟୁନିଟି ସେଣ୍ଟର, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ, ବନମାଳୀ ପ୍ରସାଦ, ଜେନାଦେବୀ ବଜାର ଓ ନିର୍ମାଲ୍ୟ ବଜାର ଆଦି ପୂଜା ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସର ସହ ପୂଜା ପାଳନ ହେବ।

### ଚାନ୍ଦିମେଢ଼ରେ ସୁନା ମୁକୁଟ ପିନ୍ଧାଯିବ



ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ସହରରେ ପ୍ରାୟ ଏକମାସ ହେଲା ପ୍ରସ୍ତୁତି ଚାଲିଛି। ମୀନାବଜାର ପୂଜା ମଣ୍ଡପରେ କେଦାରନାଥ ସଦୃଶ ତୋରଣ ହେଉଥିବା ବେଳେ ୧ କୁଇଣ୍ଟାଲ ୪୬ କେଜିର ଚାନ୍ଦିମେଢ କରାଯିବ। ୧ କେଜି ୨୫୦ ଗ୍ରାମର ସୁନା ମୁକୁଟ ଲାଗି ହେବ। ସମସ୍ତ ୩୮ଟି ପୂଜା ପ୍ରତିଷ୍ଠାନ ପକ୍ଷରୁ ମଧ ପ୍ରସ୍ତୁତି ଜୋର୍ ଧରିଛି।

-ପୀତବାସ ସାହୁ, ସମ୍ପାଦକ, ମିନାବଜାର ପୂଜା ପ୍ରତିଷ୍ଠାନ

### ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ



ପୂଜାର ଗୋଟିଏ ଦିନ ପୂର୍ବରୁ ସମସ୍ତ କାମ ସରିବ। ଚଳିତବର୍ଷ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବସ୍‌ଷ୍ଟାଣ୍ଡ-ଅମଲାପଡା ପୂଜା ପ୍ରତିଷ୍ଠାନ ପକ୍ଷରୁ ବାଲାଜୀ ତିରୁପତୀ ମନ୍ଦିର ସଦୃଶ ତୋରଣ କରାଯାଉଛି। ଢେଙ୍କାନାଳର କାରିଗରମାନଙ୍କ ଦ୍ୱାରା ଏହି ତୋରଣ ନିର୍ମାଣ ହେଉଛି।

-ରୁଦ୍ର ନାରାୟଣ ତ୍ରିପାଠୀ, ସମ୍ପାଦକ, ବସଷ୍ଟାଣ୍ଡ-ଅମଲାପଡା ପୂଜା ପ୍ରତିଷ୍ଠାନ

### ନଭେମ୍ବର ୮ରେ ଭସାଣି



୨୮ ତାରିଖରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨୮ ତାରିଖ ଦିନ ଚନ୍ଦ୍ରଗ୍ରହଣ ଲାଗୁଥିବାରୁ ପ୍ରାତଃରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ମା'ଙ୍କ ପୂଜା କରାଯିବ। ଏବର୍ଷ ସବୁ ପୂଜା ପ୍ରତିଷ୍ଠାନରେ ଜାକ ଜମକରେ ପୂଜା ଅନୁଷ୍ଠିତ ହେବ।

-ଜ୍ଞାନେନ୍ଦ୍ର ବେହେରା, ସଭାପତି-ମିଳିତବଜାର ପୂଜା କମିଟି, ଢେଙ୍କାନାଳ



# ବଦଳିଲେ ଢେଙ୍କାନାଳ ଜିଲାପାଳ

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କ ବୁଧବାର ବଦଳି ହୋଇଛି। ତାଙ୍କ ବଦଳରେ ଇଡ୍‌କୋର ସିଜିଏମ୍(ଲ୍ୟାଣ୍ଡ) ମନୋରଞ୍ଜନ ମଲ୍ଲିକ ନୂତନ ଜିଲାପାଳ ଭାବେ ଯୋଗ ଦେବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଘୋଷଣା ହୋଇଥିବା ପତ୍ର ମାଧ୍ୟମରେ ଏହି ସୂଚନା ଦିଆଯାଇଛି। କିନ୍ତୁ ଢେଙ୍କାନାଳ ଜିଲାପାଳଙ୍କ କେଉଁ ସ୍ଥାନକୁ ବଦଳି ହୋଇଛି ସେ ନେଇ ପତ୍ରରେ କୌଣସି ସ୍ପଷ୍ଟ ସୂଚନା ନ ଥିବାରୁ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦଶହରା ଅବସରରେ ନୀଳଗିରି ଓ ରେମୁଣାରେ ଜିଲାପାଳଙ୍କ ଶୁଭେଚ୍ଛା ବ୍ୟାନର ଲାଗିଥିବାରୁ ଏହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଥିଲା। ଏ ନେଇ ଜିଲାପାଳ ସମସ୍ତ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ଗୁରୁବାର ଦାୟିତ୍ୱ ହସ୍ତାନ୍ତର କରିବେ। ସଚିବାଳୟର କୌଣସି ବିଭାଗରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ଅତିଥି ଶିକ୍ଷକ ନିଯୁକ୍ତିରେ ଅବହେଳା ନେଇ ଅସନ୍ତୋଷ




ଓଷ୍ଟା ସଂଘ ଢେଙ୍କାନାଳ ଶାଖାର ବୈଠକ।

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଢେଙ୍କାନାଳ ଶାଖାର ଏକ ବୈଠକ ଶିକ୍ଷକ ସଂଘ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଭୂତି ସାମଲ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ରାଜ୍ୟ ସଂଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ ରାଜ୍ୟ ସରକାର ଦାବି ସମ୍ପର୍କରେ ସମାଧାନ କରିବା ପାଇଁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲାରେ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଛାତ୍ରୀଛାତ୍ରମାନେ ପାଠପଢାରୁ ବଞ୍ଚିତ ହେଉଥିବାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ନଭେମ୍ବର ୨ରୁ ଜିଲାରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାରୁ ପ୍ରଶ୍ନପତ୍ର ସଂଘ କାର୍ଯ୍ୟାଳୟରେ ୩୧ ତାରିଖ କିମ୍ବା ନଭେମ୍ବର ୧ ତାରିଖରେ ସଂଗ୍ରହ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଗଁଦିଆ ବ୍ଲକର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଜିଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇଜିଆଇଟି ହାଇସ୍କୁଲର ପ୍ରଧାନଶିକ୍ଷକ ସନତ କୁମାର ନାୟକ ଏହି ମାସରେ ଅବସର ନେଉଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲା। ଜିଲାର ସମସ୍ତ ବ୍ଲକ ସମ୍ପାଦକ ଏବଂ ପ୍ରଧାନଶିକ୍ଷକ, ଶିକ୍ଷକ, କର୍ମଚାରୀ ସଭାରେ ଯୋଗଦାନ କରିଥିଲେ। ଶେଷରେ ଶଶୀକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



ଅନୁଗୋଳ ହୁଲୁରୁସିଂହା ମେଢ଼।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ମେଲାଣି ନେଲେ ମା'

**ଅନୁଗୋଳ, ୨୫।୧୦(ଅମିତ କୁମାର ସାମଲ):** ଅନୁଗୋଳରୁ ମେଲାଣି ନେଇଛନ୍ତି ମା' ଦୁର୍ଗା। ବୁଧବାର ଧୁମଧାମରେ ଭସାଣି ଶୋଭାଯାତ୍ରା ସହରରେ ଅନୁଷ୍ଠିତ ହୋଇଯାଇଛି। ଏଥର ୧୧ଟି ପୂଜା ପ୍ରତିଷ୍ଠାନରେ ପୂଜା ହୋଇଥିବା ବେଳେ ବିଭିନ୍ନ ବାଦ୍ୟ, ବାଣରେ ଶୋଭାଯାତ୍ରା କରାଯାଇ ମା'ଙ୍କୁ ବିସର୍ଜନ କରାଯାଇଛି। ଶୋଭାଯାତ୍ରାରେ ବିଭିନ୍ନ ଲୋକନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଏଥିସହ ଅମଲାପଡ଼ା ଓ ଶିମିଳିପଡ଼ାରେ ବଙ୍ଗୀୟ ପରମ୍ପରାରେ ସିନ୍ଦୂର ଖେଳ ହୋଇଥିଲା। ତେବେ ଅନୁଗୋଳ ଅମଲାପଡା ଦଶହରା ପଡିଆରେ ଭସାଣି ସମୟରେ ଅଘଟଣ ଘଟିଛି। ଆଘୋରୀ ନୃତ୍ୟକଳା ପ୍ରଦର୍ଶନ ସମୟରେ ବୁଢୀ ଠାକୁରାଣୀ ଛକରେ ଅଗ୍ନିକାଣ୍ଡ ଘଟି ଜଣେ କଳାକାର ଗୁରୁତର ହୋଇଛନ୍ତି। ଗୁରୁତର ଆଘୋରୀ କଳାକାରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।








ଭସାଣି ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ଅନୁଗୋଳ ଅମଲାପଡ଼ା ମେଢ଼।




# ସାଂସ୍କୃତିକ ସମାଜବାଦ ମଣିଷକୁ ଉନ୍ନତ କରାଏ

**ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସାଧାରଣ ପରିଷଦ ବୈଠକ**

ଢେଙ୍କାନାଳ,୨୫।୧୦(ରତନ ନାୟାର)




ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଅତିଥିମାନେ।

ସାଂସ୍କୃତିକ ସମାଜବାଦ ମାଧ୍ୟମରେ ବ୍ୟକ୍ତି ଓ ସମାଜର ମଙ୍ଗଳ କରାଯାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଉଦର ଯଦି ଭରିନାହିଁ, ଉପନିଷଦର ମାନେ କିଛି ନାହିଁ। ତେଣୁ ସକାରାତ୍ମକ ଚିନ୍ତା ନେଇ ସାଙ୍ଗଠନିକ କାର୍ଯ୍ୟକଲେ ଜଗତର କଲ୍ୟାଣ ହୋଇଥାଏ ବୋଲି ସ୍ୱାମୀ ସମର୍ପଣାନନ୍ଦ ଗିରି କହିଛନ୍ତି। ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ମଙ୍ଗଳବାର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସଂସଦ ସଭାପତି ରମାନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ଉପସଭାପତି ପ୍ରଳୟ କୁମାର ନନ୍ଦ ପ୍ରମୁଖ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନକୁ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି କହିଲେ ଯେ, ଆନନ୍ଦ ପାଖରେ ଦୁଃଖ ଆସି ନ ଥାଏ ଓ ଆଲୋକ ପାଖରେ ଅନ୍ଧାରେ ନ ଥାଏ। ବିବେକାନନ୍ଦଙ୍କ ଆଦର୍ଶରେ ଗଢ଼ି ଉଠିଥିବା ଲୋକ ସଂସଦ ବହୁବିଧ କାର୍ଯ୍ୟକ୍ରମ ଜରିଆରେ ଯେଭଳି ପଦକ୍ଷେପ ନେଉଛି, ତାହା ଏକ ଜାଗରଣ ସୃଷ୍ଟି କରିଛି। ଏହି ଅବସରରେ ସାଙ୍ଗଠନିକ ସମ୍ପାଦକ ଚିତ୍ତରଞ୍ଜନ ନାୟକ, ସଂସଦର ୬ ଶାଖା, ବିଚାରଧାରା, ମୋ ଗାଁ, ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ଯୁବ ସଂସଦ, ସାହିତ୍ୟାଲୋକ ଏବଂ ସମ୍ପର୍କ ସେତୁ ଉପରେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ସଦସ୍ୟା ସଦସ୍ୟମାନେ ସେମାନଙ୍କ ଅଞ୍ଚଳର ଲୋକ ସଂସଦ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଏଥିରେ ଯୋଗ ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତୀ ପ୍ରଫେସର ସଞ୍ଜୟ ଶତପଥୀ ଓ ଆମେରିକାର ଟେକ୍ସାସ୍‌ରେ ରହୁଥିବା ମହାକାଶ ବିଜ୍ଞାନୀ ବିଜୟ ଦାସ ଆଭାସୀ ଜରିଆରେ ଯୋଗଦେଇ ନିଜର ମତ ରଖିଥିଲେ। ଦାସ କହିଥିଲେ, ଏବେ ବହୁ ଓଡ଼ିଆ ଦେଶ ବିଦେଶରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ଏବର ସ୍ଥିତିରେ ଓଡ଼ିଶାର ବିକାଶ ଲାଗି ସାମାଜିକ ଉଦ୍ୟୋଗୀଙ୍କ ଆବଶ୍ୟକତା ରହିଛି। ଏହି ଅବସରରେ ୪ଟି ପୁସ୍ତକ ଜଗତ କିଶୋର ଦାସଙ୍କ ରଚିତ 'ଶ୍ରୀମଦ୍ ଭାଗବତ ଗୀତାରେ ବୁଦ୍ଧିଯୋଗ', ବୈକୁଣ୍ଠ ବିହାରୀ ସ୍ୱାଇଁଙ୍କ ରଚିତ 'ଭକ୍ତି ପସରା', ଡ. ରବୀନ୍ଦ୍ର କୁମାର ସାହୁଙ୍କ ରଚିତ 'ଏକଶତୋତ୍ତର ବେଦବାଣୀ ସତ୍ୟବାଣୀ', ଏସ୍‌ସି ପାଣିଗ୍ରାହୀ ଓ ଡ. ସମୀର କୁମାର ସାହୁଙ୍କ ରଚିତ ଇଂଲିଶ ପୁସ୍ତକ 'ସ୍ପିରିଚୁଆଲ ହ୍ୟୁମାନିଜିମ୍ ଇନ୍ ଫିଲୋସୋଫି ଅଫ ବିବେକାନନ୍ଦ' ଉନ୍ମୋଚିତ ହୋଇଥିଲା। ସଂସଦର ଢେଙ୍କାନାଳ ଜିଲା ସଭାପତି ପ୍ରଫୁଲ୍ଲ ପାଣି, ସମ୍ପାଦକ ବିପିନ ବିହାରୀ ଶତପଥୀ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ନୂତନ ବିଡିଓଙ୍କ ଯୋଗଦାନ

ଢେଙ୍କାନାଳ,୨୫।୧୦ (ରତନ ନାୟାର)



ସଦର ବ୍ଲକର ନୂତନ ବିଡିଓ ଆୟୁଷୀ ମହାପାତ୍ର।

ଢେଙ୍କାନାଳ ସଦର ବ୍ଲକର ନୂତନ ବିଡିଓ ଭାବେ ଆୟୁଷୀ ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏଥିପୂର୍ବରୁ ନୟାଗଡ଼ ଜିଲା କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଥିଲେ। ସଦର ବ୍ଲକରେ ବିଡିଓ ଥିବା ସୁଧୀର କୁମାର ନାୟକଙ୍କ ରଣପୁର ବ୍ଲକ ବିଡିଓ ଭାବେ ବଦଳି ହୋଇଥିବା ଜଣାପଡିଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ନୂତନ ବିଡିଓ ଆୟୁଷୀ ମହାପାତ୍ର ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ବ୍ଲକ କର୍ମଚାରୀମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।






